# ଉପସ୍ଥିତ କର୍ତ୍ତବ୍ୟ

ଆମ୍ଭମାନଙ୍କର କର୍ତ୍ତବ୍ୟ ହେଲା ମନ ପ୍ରାଣର ସଂସ୍କାରଗତ ପ୍ରତିକୂଳ ରୀତି ନୀତି, ସ୍ୱଭାବଗତ ଅଭ୍ୟାସ ଅଧୀନରୁ ମୁକ୍ତ ହୋଇ ଆଗନ୍ତୁକ ସତ୍ୟକୁ ଗ୍ରହଣ କରିବା ଏବଂ ତାହାରି ଦ୍ୱାରା ନିଜକୁ ଗଢ଼ି ତୋଳିବା । ଏଥିରେହିଁ ହେବ ନିଜର, ପରିବାରର, ଦେଶ ଆଉ ଜଗତର ହିତ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ମାନସିକ, ସମାଜଗତ, ନୈତିକତା ଭାଙ୍ଗିଯାଇ ସାରିଛି । ନୂତନ ଯୁଗର ଅଧ୍ୟାତ୍ମ ଅତିମାନସ ସତ୍ୟ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଆମ୍ଭେମାନେ ଯଦି ଏହି ରହସ୍ୟ ବୁଝି ନୂତନ ସତ୍ୟକୁ ଗ୍ରହଣ କରନ୍ତୁ, ତେବେ ଉପସ୍ଥିତ ବିଶୃଙ୍ଖଳା, ଦୁଃଖ, କଷ୍ଟରୁ ମୁକ୍ତ ହୋଇ ନୂତନ ଯୁଗର ଅଗ୍ରଦୂତ ହେବା ମାର୍ଗରେ ଅଗ୍ରସର ହୁଅନ୍ତୁ; ଏବଂ ସଂସାରରୁ ଦୁଃଖ, କଷ୍ଟ, ଅଶାନ୍ତି, ଅସତ୍ୟ ଶୀଘ୍ର ଦୂରକରି ପାରନ୍ତୁ ।

ଆମ୍ଭେମାନେ ଏହା ନ କରି ଭାଙ୍ଗିଯାଇଥିବା ନୈତିକତାକୁ ଧରି ରଖିବା ବାହାନାରେ ନିଜର ସ୍ୱାର୍ଥ ଅହଂକୁ ସନ୍ତୋଷ ଦେବା ସକାଶେ ଧାର୍ମିକତା ତଥା ନୈତିକତାର କଥା କହୁଅଛୁ ଏବଂ ଭାଷଣ ଦେଉଅଛୁ, ଖବର କାଗଜରେ ଲେଖୁଅଛୁ, ଏହାରି ଦ୍ୱାରା ଦେଶର ଉନ୍ନତି ହେବାର ଆଶା କରୁଅଛୁ । ଏହିପରି ପ୍ରଚାର ସମସ୍ତ ସଂସାରରେ ବିଶେଷତଃ ଭାରତବର୍ଷରେ ପନ୍ଦର କୋଡ଼ିଏ ବର୍ଷରୁ କ୍ରମଶଃ ଅଧିକାଧିକ ପ୍ରତ୍ୟକ୍ଷଭାବେ ବ୍ୟର୍ଥତାରେ ପରିଣତ ହେଉଥିବା ସତ୍ତ୍ୱେ ଅନ୍ୟ କୌଣସି ଉପାୟ ଖୋଜୁ ନାହୁଁ ।

ଆମ୍ଭେମାନେ କହୁଛୁ ଦେଶ ଉନ୍ନତିର କଥା; କରୁଛୁ ନିଜ ସ୍ୱାର୍ଥ ସିଦ୍ଧି । ନିଜ ସ୍ୱାର୍ଥ ସକାଶେ ଯେତିକି ଅର୍ଥ ଆତ୍ମସାତ୍ କରୁଛୁ, ତା'ର ଶହେଗୁଣ କ୍ଷତି କରୁଛୁ ଦେଶ ବାବଦରେ । ଏହା ହେଉଛି ସମସ୍ତ ଶ୍ରେଣୀର ବ୍ୟକ୍ତିମାନଙ୍କ ମଧ୍ୟରେ । ଏହି ସ୍ୱାର୍ଥରୁ କୌଣସି ଗୋଟିଏ ଶ୍ରେଣୀର ବ୍ୟକ୍ତି ବାଦ୍ ଯାଇନାହାନ୍ତି । ସମାଜର ଶ୍ରେଷ୍ଠ ବ୍ୟକ୍ତିମାନେ ଦେଶର ହିତ କଥା କହୁଅଛନ୍ତି; ଦେଶ ହିତ ସକାଶେ ସର୍ବସ୍ୱ ତ୍ୟାଗ କରିବାର ଆଦର୍ଶ ଲୋକଙ୍କୁ ଦେଖାଉଅଛନ୍ତି; ଭାବୁଅଛନ୍ତି ସେହିମାନେ ନେତୃସ୍ଥାନ ଗ୍ରହଣ କଲେ ଜନତାଙ୍କୁ ସୁଖଶାନ୍ତିରେ ରଖିବେ ଏବଂ ଦେଶର ଉନ୍ନତି ସାଧନ କରିବେ । ଏହି ଧାରଣାରେ ସେମାନେ ବାକି ରହିଥିବା ଅଳ୍ପ କିଛି ଶୃଙ୍ଖଳା ଭାଙ୍ଗି ଦେବାକୁ ଚାହି ଅଛନ୍ତି, ସେଥିରେ ସମର୍ଥନ ଦେଉଅଛନ୍ତି କିଂବା ତା'ର ଉପାୟ କରୁଅଛନ୍ତି । ବର୍ତ୍ତମାନ ଶୃଙ୍ଖଳା ଯଦ୍ୟପି ସନ୍ତୋଷଜନକ ବା ଉନ୍ନତିମୂଳକ ନୁହେଁ, ତଥାପି ଏହାପରେ ଉତ୍ତମ ଶୃଙ୍ଖଳା କିପରି ବା କ'ଣ ଆଣିବେ ସେ କଥା ଭାବୁ ନାହାନ୍ତି । କେବଳ ଶୃଙ୍ଖଳା ଭାଙ୍ଗି ଦେବାଟା ମୂଳମନ୍ତ୍ର କରି ନେଇଅଛନ୍ତି ।

ବର୍ତ୍ତମାନ ଯେଉଁ କ୍ଷେତ୍ରରେ ଯେଉଁ ବ୍ୟକ୍ତିମାନେ ଅଛନ୍ତି, ସେହିବ୍ୟକ୍ତି ରହିବେ; ସେମାନଙ୍କର ଯେପରି ସ୍ୱାର୍ଥ, ଯେପରି ସ୍ୱଭାବ, ଯେପରି ମନୋଭାବ ଅଛି ତାହା ସବୁ ସେହିପରି ରହିବ । ତୁମେ ଶାସନ କ୍ଷେତ୍ରରେ ପ୍ରବେଶ କଲେ ତୁମରି ଚାହିଥିବା ଅଥବା କରିଥିବା ବିଶୃଙ୍ଖଳା ତୁମରି ସମ୍ମୁଖକୁ ପୂର୍ବାପେକ୍ଷା ଅଧିକ ତୀବ୍ର ଭାବେ ଆସିବ । ସେତେବେଳେ ଏହାର ସମାଧାନ ତୁମେ ଖୋଜି ପାଇବ ନାହିଁ । ତୁମେ ଯେଉଁମାନଙ୍କୁ ଅଧିକାରରୁ ବିତାଡ଼ିତ କରିଥିବ ସେହିମାନେ ତୁମରି ଅସ୍ତ୍ରରେ ତୁମକୁ ବିତାଡ଼ିତ କରିବେ । ଏହି ବିଶୃଙ୍ଖଳାର ସମାଧାନ ହେବ ନାହିଁ । ଏହି ଦ୍ୱନ୍ଦ୍ୱ ଯୋଗୁଁ ଦେଶରେ କ୍ରମଶଃ ଅବନତି ଏବଂ ଅଶାନ୍ତି ବୃଦ୍ଧି ପାଉଥିବ । ଏହି ବିଷୟକୁ ଆମ ଦେଶର ଛାତ୍ରମାନେ ବିଚାର ନ କରି ଗତାନୁଗତିକ ନେତାମାନଙ୍କ ଆଦର୍ଶ ଗ୍ରହଣ କରୁଅଛନ୍ତି ।

ଛାତ୍ରମାନଙ୍କ ଉପରେ ଦେଶର ଭବିଷ୍ୟତ୍ ଉନ୍ନତି ନିର୍ଭର କରେ । ଛାତ୍ର ସମୟ ହେଉଛି ଜୀବନ ବିକାଶର ସର୍ବଶ୍ରେଷ୍ଠ ଅବସ୍ଥା । ଏହି ଅବସ୍ଥାରେ ସେମାନେ ଯେଉଁ ସଦ୍‌ଗୁଣ, ସତ୍‌ଶିକ୍ଷା ଗ୍ରହଣ କରନ୍ତି, ତାହାହିଁ ଭବିଷ୍ୟତ୍ ଜୀବନରେ ବିକାଶ ହୁଏ । ଏହି ସମୟରେ ଯଦି ସେମାନେ ସତ୍‌ଶିକ୍ଷା ଗ୍ରହଣ ନ କରି ସ୍ୱାର୍ଥ, ହିଂସା, କୂଟ କପଟ, ଶୃଙ୍ଖଳାର ବିପରୀତ ବିଶୃଙ୍ଖଳା, ନୀତିର ବିରୋଧୀ ଅନୀତି, ନିୟମର ବିପରୀତ ଅନିୟମିତତା ଆଚରଣ କରନ୍ତି, ତେବେ ଭବିଷ୍ୟତ୍

ଜୀବନରେ ତାହାରହିଁ ବିକାଶ ହେବ । ସେହିମାନେ ଦେଶରେ କାର୍ଯ୍ୟକଲେ ସେମାନଙ୍କ ଦ୍ୱାରା ନିଜର, ପରିବାରର, ଦେଶ ତଥା ସଂସାରର ଉନ୍ନତି ନ ହୋଇ ଅଧଃପତନ ହେବ । ଏହି ବିଷୟରେ ଆମ୍ଭ ଦେଶର ଅଧିକାଂଶ ନେତାମାନେ ସଚେତ ହୋଇ ନାହାନ୍ତି କିଂବା ଏହି ବିଶୃଙ୍ଖଳା ସୁଧାରି ନେବାକୁ ପ୍ରଯତ୍ନ କରୁ ନାହାନ୍ତି, ବରଂ ଇଚ୍ଛା କରିଛନ୍ତି, କିଂବା ପ୍ରେରଣା ଦେଇଛନ୍ତି । ଏହି କାରଣରୁ କୁହାଯାଇପାରେ ଏହି ବିଶୃଙ୍ଖଳା ନିମନ୍ତେ ଦାୟୀ ଆମ ଦେଶର ନେତାମାନେ । ଏହି ଦାୟିତ୍ୱକୁ ଦେଶନେତାମାନେ ଭାବିବାକୁ ଚେଷ୍ଟା କରୁ ନାହାନ୍ତି । ସେମାନେ ଯଦି ସଦ୍‌ଗୁଣର ଆଦର୍ଶ ଛାତ୍ରମାନଙ୍କ ସମ୍ମୁଖରେ ରଖିଥାଆନ୍ତେ, ସେମାନଙ୍କ ବିଶୃଙ୍ଖଳାକୁ ପ୍ରତିବାଦ କରିଥାଆନ୍ତେ, ସମର୍ଥନ, ଏବଂ ପ୍ରେରଣା ଦେଇ ନ ଥା'ନ୍ତେ, ତେବେ ଛାତ୍ରମାନଙ୍କର ଆଜି ଏପରି ବିଶୃଙ୍ଖଳ ଅବସ୍ଥା କଦାପି ହୋଇ ନ ଥା'ନ୍ତା । ଏହି ଅବସ୍ଥାର ପ୍ରଧାନ କାରଣ ଯଦ୍ୟପି ହେଉଛି ଯୁଗ ପରିବର୍ତ୍ତନ, ତଥାପି ଏହି ବିଷୟରେ ଆମ ଦେଶର ନେତାମାନେ ସଚେତ ହୋଇଥିଲେ ଏହି ଅବସ୍ଥାର ଶୀଘ୍ର ପରିବର୍ତ୍ତନ ଘଟୁଥା'ନ୍ତା । କ୍ରମବିକାଶ ଅନୁସାରେ ନୈତିକତାର ଯୁଗ ସମାପ୍ତ ହୋଇଯାଇଛି, ସେହି କାରଣରୁ ବ୍ୟକ୍ତିଙ୍କର ନୈତିକତା ଉପରେ ଆସ୍ଥା ନାହିଁ । ଯେଉଁ ନୈତିକତା ଯୋଗୁଁ ପୁତ୍ରକନ୍ୟାମାନେ ପିତାମାତାଙ୍କ ଆଜ୍ଞାପାଳନ କରିବା ଗୌରବ ମନେ କରୁଥିଲେ, ଛାତ୍ରମାନେ ଶିକ୍ଷକମାନଙ୍କୁ ପିତାମାତାଙ୍କଠାରୁ ଅଧିକ ସମ୍ମାନ କରୁଥିଲେ, ସେହି ପୁତ୍ରକନ୍ୟାମାନେ ପିତାମାତାଙ୍କ ଆଜ୍ଞାକୁ ତାଙ୍କ ସ୍ୱତନ୍ତ୍ରତା ବା ଅନ୍ୟ ଶବ୍ଦରେ ସ୍ୱେଚ୍ଛାଚାରିତାରେ ବାଧା ବୋଲି ମନେ କରୁଅଛନ୍ତି । କେତେକ ଛାତ୍ର ମାଡ଼ର ଭୟ ଦେଖାଇ ଶିକ୍ଷକମାନଙ୍କଠାରୁ ନିଜ ସ୍ୱାର୍ଥ ହାସଲ କରୁଅଛନ୍ତି ।

ଛାତ୍ର ଆନ୍ଦୋଳନର ଧମକ ଦେଇ ପୂର୍ବକାଳର ଗୁରୁଭକ୍ତିର ପ୍ରତିଶୋଧ ଆଦାୟ କରୁଅଛନ୍ତି । ଅଳ୍ପ କିଛି ଶିକ୍ଷକଙ୍କୁ ବାଦ୍ ଦେଲେ ଅଧିକାଂଶ ଶିକ୍ଷକ ଛାତ୍ରମାନଙ୍କଠାରୁ ବଳନ୍ତି । ପୂର୍ବ ଶିକ୍ଷକମାନଙ୍କ ସଦୃଶ ବର୍ତ୍ତମାନ ଶିକ୍ଷକଙ୍କର ଯେପରି ଛାତ୍ରମାନଙ୍କ ହିତଚିନ୍ତା ବା ସ୍ନେହ ନାହିଁ, କିଂବା ଆନ୍ତରିକଭାବେ ଛାତ୍ରର ଉନ୍ନତି ସକାଶେ ଶିକ୍ଷା ଦେଉ ନାହାନ୍ତି, ସେହିପରି ଛାତ୍ର । ଏହି ନୈତିକତାର ପତନ କେବଳ ସ୍କୁଲ କଲେଜରେ ନୁହେଁ, ସମସ୍ତ କ୍ଷେତ୍ରରେ, ସମାଜର ଏକେବାରେ ଆରମ୍ଭରୁ ଶେଷପର୍ଯ୍ୟନ୍ତ ପରିବାର ଓ ବ୍ୟବସାୟ, ଶାସନ ବିଭାଗରେ ସ୍ପଷ୍ଟରୂପେ ଦେଖା ଦେଇଅଛି । ଏହି ନୈତିକତାର ପତନକୁ କୌଣସି ବ୍ୟକ୍ତି ଅସ୍ୱୀକାର କରି ପାରିବେ ନାହିଁ ।

ସେହି ନୈତିକତା କଦାପି ଫେରି ଆସିବ ନାହିଁ । ସଂସାରରେ ସତ୍ୟପ୍ରତିଷ୍ଠା ହେବ । ସେହି ଅଧ୍ୟାତ୍ମ ସତ୍ୟକୁ ବ୍ୟକ୍ତି ଚାହିଲେ ତାହା ମାନସିକ ବିଚାର ବା ନୈତିକତାର ସ୍ଥାନ ଗ୍ରହଣ କରିବ । ତେବେ ବ୍ୟକ୍ତି ପରିଚାଳିତ ହେବ ଅନ୍ତରରେ ପ୍ରତିଷ୍ଠିତ ସତ୍ୟ ପ୍ରେରଣାରେ । ଏହାରି ଦ୍ୱାରା ନୂତନ ସତ୍ୟ-ଶୃଙ୍ଖଳା ବ୍ୟକ୍ତି ମଧ୍ୟରେ ଏବଂ ସମାଜରେ ତଥା ରାଜନୀତିରେ ପ୍ରତିଷ୍ଠା ହେବ । ଏହାଛଡ଼ା ଅନ୍ୟ କୌଣସି ଉପାୟରେ ଶୃଙ୍ଖଳା ପ୍ରତିଷ୍ଠା ହେବ ନାହିଁ କିଂବା ଦେଶର ଉନ୍ନତି ହେବ ନାହିଁ । ଏହି ରହସ୍ୟ ଜାଣିଥିବା ବ୍ୟକ୍ତି ସଂଖ୍ୟାରେ ବହୁତ କମ୍ । କେତେକ ବ୍ୟକ୍ତି ଏହି ରହସ୍ୟ ଜାଣନ୍ତି ନାହିଁ, କେତେକ ବ୍ୟକ୍ତି ବିଶ୍ୱାସ କରନ୍ତି ନାହିଁ, କେତେକ ବିରୋଧ କରନ୍ତି ।

ପୃଥିବୀରେ ନୂତନ ଯୁଗର ଅଧ୍ୟାତ୍ମ ଧର୍ମ ପ୍ରତିଷ୍ଠାର ରହସ୍ୟ ଯେଉଁମାନେ ଜାଣନ୍ତି ନାହିଁ ବା ବିଶ୍ୱାସ କରନ୍ତି ନାହିଁ, ସେହିମାନଙ୍କ ମଧ୍ୟରୁ ଯେଉଁମାନେ ନେତୃସ୍ଥାନ ଅଧିକାର କରିଅଛନ୍ତି କିଂବା ଶାସନ ଅଧିକାରରେ ଅଛନ୍ତି; ସେମାନେ ଭାଙ୍ଗି ଧରାଶାୟୀ ହୋଇଥିବା ପୂର୍ବ-ନୈତିକତା ତଥା ପରମ୍ପରାଗତ ସମାଜ ଶାସନପ୍ରଣାଳୀର ଉପର ଖୋଳପାଟାକୁ କୌଣସିମତେ ଛାଡ଼ିବାକୁ ଚାହାନ୍ତି ନାହିଁ । ନିଜର ଅଧିକାରଗତ କିଳାର ମୂଳଦୁଆ ଭୁଶୁଡ଼ି ପଡ଼ିଥିବା ସତ୍ତ୍ୱେ ଉପରୁ ଏପରିଭାବେ ଜାବୁଡ଼ି ଧରି ରଖିଅଛନ୍ତି ଯେ ସେଥିରେ ନୂତନ ପ୍ରଣାଳୀ ପ୍ରବେଶ ସହଜସାଧ୍ୟ ନୁହେଁ ।

ଅନ୍ୟ ଯେଉଁମାନେ ନୂତନ ଅଧ୍ୟାତ୍ମ ଯୁଗଧର୍ମକୁ କୁସଂସ୍କାର ବୋଲି ଧାରଣା କରି ବିରୋଧ କରନ୍ତି, ସେମାନେ ଗୁଳି ଜୋରରେ ଭିତରୁ ଶଢ଼ି ଯାଇଥିବା ନୈତିକତା ଏବଂ ସମାଜ ଶାସନଗତ ଖୋଳପାଟିକୁ ଭାଙ୍ଗି ଦେବାକୁ ଚାହାନ୍ତି । ଯଦି ବ୍ୟକ୍ତିର ପ୍ରାଣ ମହାନ୍ ପ୍ରବଳ, ବୁଦ୍ଧି ମହାନ୍ ତୀବ୍ର ଥାଏ, ତେବେ ବହୁ ସଂଖ୍ୟାରେ ବ୍ୟକ୍ତି ତା'ର ଅନୁଗତ ହୋଇପାରନ୍ତି । ସେ ରାବଣ, ହିରଣ୍ୟକଶିପୁ ସଦୃଶ ନିଜ ସିଦ୍ଧାନ୍ତ ସ୍ୱୀକାର ନ କରୁ ଥିବା ବ୍ୟକ୍ତିକୁ ବନ୍ଧୁକ ଗୁଳି ପ୍ରଭାବରେ ସିଧା ସ୍ୱର୍ଗ ପଠାଇ ଦେଇ ଏକଚ୍ଛତ୍ର ରାଜ୍ୟ କରନ୍ତି । ନିଜ ସିଦ୍ଧାନ୍ତ ବିରୋଧରେ ଜଣେ ବ୍ୟକ୍ତିର ଗୋଟିଏ କଥା କହିବାର

ସାହସ ନ ଥାଏ । କିନ୍ତୁ ଏହିପରି ବ୍ୟକ୍ତିଙ୍କର ସତ୍ୟଦୃଷ୍ଟି ନ ଥାଏ । ସେ ସ୍ୱୟଂ ଯଥାର୍ଥ ସତ୍ୟ ମାର୍ଗରେ ପରିଚାଳିତ ହୁଅନ୍ତି ନାହିଁ କିଂବା ଜନତାକୁ ସତ୍ୟ ପଥରେ ପରିଚାଳିତ କରିପାରନ୍ତି ନାହିଁ । ଏହି ପରିବର୍ତ୍ତନଟି ବର୍ଷା ଭୟରେ କୂଅରେ ଡ଼େଇଁପଡ଼ିବା ସଦୃଶ ହୁଏ । ଏଥିରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ଅତ୍ୟନ୍ତ ବାଧାପଡ଼େ । ଏହାକୁ ପ୍ରକୃତି(Nature) ଅଧିକ ଦିନ ବରଦାସ୍ତ କରିପାରେ ନାହିଁ । ସାମୟିକ ରୂପେ କିଛି ଦିନ ଚଳିପାରେ, ଶେଷରେ ଭୟଙ୍କର ପ୍ରତିକ୍ରିୟା ହୁଏ ।

ସବୁଠାରୁ ଉତ୍ତମ, ନିରାପଦ, ଶାନ୍ତି-ଶୃଙ୍ଖଳାପୂର୍ଣ୍ଣ ପ୍ରଣାଳୀ ହେଲା ନୂତନ ଯୁଗର ଅଧ୍ୟାତ୍ମ ଅତିମାନସ ସତ୍ୟ ଗ୍ରହଣ କରିବା । ଏହାରି ଦ୍ୱାରା ବ୍ୟକ୍ତି ସାହସ, ଧୈର୍ଯ୍ୟ, ସାତ୍ତ୍ୱିକ ଶକ୍ତି, ସତ୍ୟଦୃଷ୍ଟି ପ୍ରାପ୍ତ ହୁଏ । ସେ ସତ୍ୟ ଆଶ୍ରୟରେ ନିର୍ଭୀକ ଭାବେ ପୂର୍ବର ନିଷ୍କ୍ରିୟ, ସ୍ୱାର୍ଥ ଓ ଅହଂପୂର୍ଣ୍ଣ ପ୍ରଣାଳୀକୁ ଭାଙ୍ଗି ନୂତନ ପ୍ରଣାଳୀ, ନୂତନ ବିଧାନ, ସମାଜ ଓ ଶାସନର ପ୍ରତିଷ୍ଠା କରିପାରେ ।

ସମସ୍ତ କ୍ଷେତ୍ରରୁ ସମସ୍ତ ପ୍ରକାର ବାଧା ପ୍ରାପ୍ତ ହେଉଥିବା ସତ୍ତ୍ୱେ ସେ ସତ୍ୟ ସାହାଯ୍ୟରେ ଏହିସବୁ ବାଧା ବିପତ୍ତିକୁ ଅତିକ୍ରମ କରି ଗନ୍ତବ୍ୟ ପଥରେ ଅଗ୍ରସର ହୁଏ । ଏହି ଯୁଗ ପରିବର୍ତ୍ତନ ସମୟରେ ବ୍ୟକ୍ତି ତଥା ଦେଶର ଉନ୍ନତି ସକାଶେ ନୂତନ ଯୁଗର ସତ୍ୟ ଆଶ୍ରୟ ବିନା ଅନ୍ୟ କୌଣସି ଉପାୟରେ ଯୁଗୋପଯାଗୀ ଯଥାର୍ଥ ପରିବର୍ତ୍ତନ ଆଣିବା ଏକେବାରେ ସମ୍ଭବ ନୁହେଁ ।

## ।। ବିଚାର ।।

ଏହି ନୂତନ ଯୁଗର ପୃଥିବୀରେ ସତ୍ୟ ପ୍ରତିଷ୍ଠାର ଅଧିକ ଦାୟିତ୍ୱ ଛାତ୍ରମାନଙ୍କ ଉପରେ । ଛାତ୍ରମାନେହିଁ ଭବିଷ୍ୟତ୍ ଯୁଗର ଅଗ୍ରଦୂତ । ସେମାନେ ଯଦି ନିଜ ଦାୟିତ୍ୱ ସମ୍ବନ୍ଧେ ସଚେତ ନ ହୋଇ ଖିଆଲୀ ମାର୍ଗରେ ପରିଚାଳିତ ହୁଅନ୍ତି, ତେବେ ସଂସାରରେ ଅଧିକ ଦୁଃଖ-ଦ୍ୱନ୍ଦ୍ୱ ସୃଷ୍ଟି ହେବ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବାରେ ବିଳମ୍ବ ଘଟିବ । ସେମାନଙ୍କୁ ସଂସାରର ପରିସ୍ଥିତି, କର୍ତ୍ତବ୍ୟ, ଭବିଷ୍ୟତ୍ କର୍ମ,– ଏହି ତିନିଟି ବିଷୟ ନିଜ ନିଜ ପ୍ରବୃତ୍ତି ଅନୁସାରେ ଯୁକ୍ତିବୁଦ୍ଧି, ମହାପୁରୁଷଙ୍କ ନିର୍ଦ୍ଦେଶ ଅଥବା ନିଜ ବିଚାରରେ ଯଥାର୍ଥରେ ନିର୍ଣ୍ଣୟ କରିବାକୁ ହେବ । ଯଦି ଠିକ୍ ନିର୍ଣ୍ଣୟ କରିପାରିବେ ତେବେ ବର୍ତ୍ତମାନ ସମାସ୍ୟାର ସମାଧାନ ସହଜରେ କରିପାରିବେ ।

ଭାଙ୍ଗିଯାଇଥିବା ନୈତିକ ପ୍ରଣାଳୀ ଫେରାଇ ଆଣିବା ସମ୍ଭବ ନୁହେଁ । ଏହା କ୍ରମବିବର୍ତ୍ତନର ବିରୁଦ୍ଧ । ଏହାକୁ ସମର୍ଥନ କରୁଛି ଅତୀତର ବିକାଶ । ବରାବର ନୂତନ ପ୍ରଣାଳୀରେ ମନୁଷ୍ୟ ଏବଂ ବିଶ୍ୱ ଅଗ୍ରସର ହେଉଅଛି । ବିକାଶ ଜଡ଼ରୁ ବୃକ୍ଷ, ଲତା, ପଶୁ, ପକ୍ଷୀ ମଧ ଦେଇ ମନୁଷ୍ୟରେ ପହୁଞ୍ଚି ଅଛି । ମନୁଷ୍ୟ କ୍ରମବିବର୍ତ୍ତନ ପ୍ରଣାଳୀ ଅନୁସାରେ ବିଜ୍ଞାନଯୁକ୍ତ ଅତିମାନବରେ ଉପନୀତ ହେବ । ଏହାହିଁ ହେବ ନୂତନ ଯୁଗର ଅଧ୍ୟାତ୍ମ ଅତିମାନସ ଧର୍ମ । ଏହାହିଁ ଶ୍ରୀମା ଏବଂ ମହାପୁରୁଷ ଶ୍ରୀଅରବିନ୍ଦଙ୍କ ଆଦର୍ଶ ବା ସିଦ୍ଧାନ୍ତ । ସେମାନେ ଏହି ସତ୍ୟକୁ ଉପଲବ୍ଧି କରିଛନ୍ତି, ଏଥିରେ ବିକାଶ କରିଛନ୍ତି, ଏହାକୁ ଭୌତିକ ଗୁଣ ଦେବାକୁ ଅର୍ଥାତ୍ ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠା କରିବାକୁ ମା' ପ୍ରଯତ୍ନ କରୁଅଛନ୍ତି । ଅତିମାନବଜାତି, ଅତିମାନସ ବିଜ୍ଞାନ, ସତ୍ୟ ପୃଥିବୀରେ ପ୍ରତିଷ୍ଠା ହେବା ଯୁକ୍ତି, ଶାସ୍ତ୍ର ଦ୍ୱାରା ସମର୍ଥିତ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପଲବ୍ଧିରେ ପ୍ରାପ୍ତ ।

ଏହି ସତ୍ୟ ପ୍ରଣାଳୀକୁ ଦେଶବାସୀ, ବିଶେଷତଃ ଛାତ୍ରମାନେ ଗ୍ରହଣ କଲେ ନିଜ ଜୀବନର ସର୍ବାଙ୍ଗୀନ ଉନ୍ନତି କରିପାରିବେ ଏବଂ ଦେଶର ଯଥାର୍ଥ ଉନ୍ନତି କରି ପାରିବେ ।

ଛାତ୍ରମାନଙ୍କ ସମ୍ମୁଖରେ ଦୁଇଟି ଆଦର୍ଶ ବିଦ୍ୟମାନ ଅଛି । ଗୋଟିଏ ବର୍ତ୍ତମାନ ଆଲୋଚନା କରାହେଲା । ଅନ୍ୟଟି ହେଲା ଭୌତିକ ବିଜ୍ଞାନ । ଏହି ଆଲୋଚନାର ସିଦ୍ଧାନ୍ତ ପ୍ରତ୍ୟକ୍ଷ ଯୁକ୍ତିଯୁକ୍ତ, ଶାସ୍ତ୍ରସମ୍ମତ ଏବଂ ମହାପୁରୁଷଙ୍କ ଉପଲବ୍ଧି ହୋଇଥିବା ସତ୍ତ୍ୱେ ଯେଉଁ ଛାତ୍ରମାନେ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି; ସେମାନେ ଅର୍ଥଶୂନ୍ୟ ଉପସ୍ଥିତ ରାଜନୈତିକ ପ୍ରଣାଳୀରେ ପ୍ରବେଶ କରନ୍ତୁ ନାହିଁ; ଯେଉଁ ସମୁଦ୍ରରେ ଦେଶର ମହାନ୍ ନେତାମାନେ ଥଳ-କୂଳ ନ ପାଇ ହାବଡୁବ

ଖାଉଛନ୍ତି । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଏହି ଅସଫଳତା ଦେଖୁଥିବା ସତ୍ତ୍ୱେ ସେହି ଭ୍ରାନ୍ତ ମାର୍ଗରେ ଯାତ୍ରାକରି ବିକାଶଶୀଳ ଛାତ୍ରଜୀବନ ନଷ୍ଟ କରିବା ଉଚିତ ନୁହେଁ । ଯଦି ଯଥାର୍ଥରେ ଦେଶର ଉନ୍ନତି, ଦେଶରେ ଶାନ୍ତି, ଶୃଙ୍ଖଳା, ଐଶ୍ୱର୍ଯ୍ୟ ଚାହୁଛ, ତେବେ ଦ୍ୱିତୀୟ ଭୌତିକ ବିଜ୍ଞାନବାଦୀଙ୍କର ବିଚାର-ପ୍ରଣାଳୀର ଆଦର୍ଶ ଗ୍ରହଣ କର । ସେମାନେ ନୂତନ ବସ୍ତୁ ଆବିଷ୍କାର କରିବା ସକାଶେ ବିଚାର କରନ୍ତି ଏବଂ ସେଥିରେ ଏକାଗ୍ରତା କରନ୍ତି । ତୁମ୍ଭେମାନେ ସେହିପରି ନୂତନ ପ୍ରକାଶ ସକାଶେ ଇଚ୍ଛାକର ଏବଂ ସେଥିରେ ଏକାଗ୍ରତା କର, ତେବେ ସ୍ପଷ୍ଟ ରୂପେ ଯଥାର୍ଥ ନିର୍ଭୁଲ୍ ନୂତନ ସତ୍ୟ ପ୍ରଣାଳୀ ପାଇବ । ସେହି ନୂତନ ପ୍ରଣାଳୀ ପୃଥିବୀ ବାତାବରଣରେ ବିଦ୍ୟମାନ ଅଛି । ତୁମେ ନିଜ ଅନ୍ତର ଅନୁଭୂତିରେ ପାଇଲେ ଆଉ ତୁମର ସନ୍ଦେହ ରହିବ ନାହିଁ । ତାହାରି ଦ୍ୱାରା ଯଥାର୍ଥରେ ନିଜର ଏବଂ ଦେଶର ତଥା ଜଗତର କଲ୍ୟାଣ କରିପାରିବ ।